ଦେହରୀ ରୋହତସ ଲାଇଟ୍ ରେଲୱେ କମ୍ପାନୀ ଲିମିଟେଡ୍

ବନାମ

ଜିଲ୍ଲା ବୋର୍ଡ ଭୋପୁର ଏବଂ ଅନ୍ୟମାନେ

ମାର୍ଚ୍ଚ 12,1992

[ଏମ୍. ଫତିମା ବିବି ଏବଂ ଏସ୍. ସି. ଅଗ୍ରୱାଲ, ନ୍ୟାୟମୂର୍ତ୍ତିଦ୍ୱୟ]

*ବେଙ୍ଗଲ ଉପ-କର ଅଧିନିୟମ, 1880:*

*ଧାରା 5 ଏବଂ 6-- ଉପ-କର--ପଞ୍ଜୀକୃତ ହୋଇନଥିବା ରାଜିନାମାର ଦେୟ --ଚୁକ୍ତିର ବୈଧତାକୁ ଅଣଦେଖା କରାଯାଇଥିବା ଦାବିଗୁଡ଼ିକ।*

*ଭାରତର ସମ୍ବିଧାନ, 1950:*

*ଅନୁଚ୍ଛେଦ 226-- ଆଜ୍ଞାଦେଶ -- ପ୍ରତିକାର ଦାବି-- ଅନ୍ୟଥା ପକ୍ଷ ପ୍ରତିକାର ପାଇବାକୁ ହକଦାର-- କେବଳ ଅବହେଳା ଏବଂ ବିଳମ୍ବ କାରଣରୁ ବଞ୍ଚିତ ହୋଇଥିଲେ କି।*

**ଆବେଦନକାରୀ ହାଲୁକା ରେଳ ଚଳାଚଳ ବ୍ୟବସାୟରେ ନିୟୋଜିତ ଥିଲେ ଏବଂ ବେଙ୍ଗଲ ଉପ-କର ଅଧିନିୟମ, 1880ର ଧାରା 5 ଅନୁଯାୟୀ ଉପ-କର ଦେବାକୁ ବାଧ ଥିଲେ ।**

**ଆବେଦନକାରୀ ଏବଂ ଉତ୍ତରଦାତାଙ୍କ ମଧ୍ୟରେ ହୋଇଥିବା ଏକ ଅଣପଞ୍ଜିକୃତ ରାଜିନାମା ମାଧ୍ୟମରେ ଏହା ସହମତି ପ୍ରକାଶ ପାଇଥିଲା ଯେ ଆବେଦନକାରୀ-କମ୍ପାନୀ ଦ୍ୱାରା ହୋଇଥିବା ଲାଭ କିମ୍ବା କ୍ଷତି ନିର୍ବିଶେଷରେ ଉପ-କର ପାଇଁ ଆବେଦନକାରୀ ବର୍ଷକୁ ନିର୍ଦ୍ଧାରିତ 10,000/-ଟଙ୍କା ପ୍ରଦାନ କରିବେ । ତଦନୁସାରେ, ଆବେଦନକାରୀ 1953-54 ରୁ 1966-67 ମସିହା ପର୍ଯ୍ୟନ୍ତ ଉପ-କର ପ୍ରଦାନ କରିଆସୁଥିଲେ ।**

**1967 ମସିହାରେ ଉତ୍ତରଦାତା, ଆବେଦନକାରୀଙ୍କୁ ସୂଚନା ଦେଇଥିଲେ ଯେ, ରାଜ୍ୟ, ଅଣପଞ୍ଜିକୃତ ରାଜିନାମା ଦ୍ୱାରା ବାଧ ନଥିଲା ଏବଂ ଉପ-କର ବକେୟା ବାବଦକୁ 9,86,806.33/- ଟଙ୍କା ଦାବି କରିଛନ୍ତି । ଆବେଦନକାରୀ ଉକ୍ତ ଅଣପଞ୍ଜିକୃତ ଚୁକ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଅଧସ୍ତନ ବିଚାରପତିଙ୍କ ସମ୍ମୁଖରେ ଏକ ମକଦ୍ଦମା ଦାୟର କରିଥିଲେ ଏବଂ ଉତ୍ତରଦାତାମାନଙ୍କୁ ବର୍ଷକୁ 10,000/-ଟଙ୍କାର ସହମତ ରାଶିରୁ ଅଧିକ କୌଣସି ଦାବି କରିବାକୁ ବାରଣ କରିଥିଲେ । ଏହି ମକଦ୍ଦମା ଖାରଜ ହେବା ପରେ, ଆବେଦନକାରୀ ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ କରିଥିଲେ । ଏହି ଆବେଦନ ମଧ୍ୟ ଖାରଜ ହୋଇଥିଲା । ବର୍ତ୍ତମାନର ଆବେଦନଗୁଡ଼ିକ ମଧ୍ୟରୁ ପ୍ରଥମଟି ହେଉଛି ଉଚ୍ଚ ନ୍ୟାୟାଳୟର ଉପରୋକ୍ତ ରାୟ ବିରୁଦ୍ଧରେ ।**

ଇତି ମଧ୍ୟରେ, ଆବେଦନକାରୀଙ୍କ ବିରୋଧରେ **1967-68** ରୁ **1971-72** ମସିହା ପର୍ଯ୍ୟନ୍ତ ବକେୟା ଉପ-କର ଦାବି କରାଯାଇଥିଲା । ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ଏକ ଆଜ୍ଞାଦେଶ ଆବେଦନରେ, ଆବେଦନକାରୀ ଏହି ଦାବିକୁ ଆପତ୍ତି କରିଥିଲେ ।ଉଚ୍ଚ ନ୍ୟାୟାଳୟ ଏହି ଦାବିକୁ ନାକଚ କରିଦେଇଛନ୍ତି । ଏହା ପରେ ଆବେଦନକାରୀ **1953-54** ରୁ **1966-67** ବର୍ଷ ପାଇଁ ଦାବି ନୋଟିସକୁ ନାକଚ କରିବା ପାଇଁ ଆଉ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ ଆଜ୍ଞାଦେଶ ଆବେଦନକୁ ଖାରଜ କରିଦେଇଛନ୍ତି ଏବଂ ଉକ୍ତ ଆଦେଶ ବିରୁଦ୍ଧରେ ଅନ୍ୟ ଏକ ଆବେଦନ ଦାଖଲ କରାଯାଇଛି ।

ଆବେଦନକାରୀ ଯୁକ୍ତି ବାଢ଼ିଥିଲେ ଯେ କମ୍ପାନୀର ପ୍ରକୃତ ଲାଭ, ଆଂଶିକ ଭାବେ ଏହାର ସ୍ଥାବର ସମ୍ପତ୍ତିର ମାଲିକାନା ଏବଂ ଆଂଶିକ ଭାବେ ଏହାର ଅସ୍ଥାବର ସମ୍ପତ୍ତିର ମାଲିକାନା ପାଇଁ ଉଦ୍ଦିଷ୍ଟ ଥିଲା ଏବଂ କେବଳ ସ୍ଥାବର ସମ୍ପତ୍ତିର ବ୍ୟବହାରରୁ ପ୍ରାପ୍ତ ପ୍ରକୃତ ଲାଭର ସେହି ଅଂଶଟି ଉପ-କର ପାଇଁ ଦାୟୀ ଥିଲା ।

ଉତ୍ତରଦାତା ଯୁକ୍ତି ବାଢ଼ିଥିଲେ ଯେ ଯେହେତୁ ଆବେଦନକାରୀ, ପ୍ରଥମ ଆଜ୍ଞାଦେଶ ଆବେଦନରେ ପୂର୍ବ ବର୍ଷଗୁଡ଼ିକ ପାଇଁ ଉଠାଯାଇଥିବା ଦାବିକୁ ଆପତ୍ତି କରିନଥିଲେ, କିନ୍ତୁ କେବଳ ଅନେକ ବର୍ଷର ଅତ୍ୟଧିକ ବିଳମ୍ବ ପରେ ଦାଖଲ ହୋଇଥିବା ପରବର୍ତ୍ତୀ ଆଜ୍ଞାଦେଶ ଆବେଦନରେ କରିଛନ୍ତି, ଏହାର ଦାବିକୁ ସଠିକ୍ ଭାବରେ ପ୍ରତ୍ୟାଖ୍ୟାନ କରାଯାଇଥିଲା ।

ଆବେଦନଗୁଡ଼ିକର ଫଏସଲା କରି, ଏହି ନ୍ୟାୟାଳୟ,

ନିର୍ଣ୍ଣୟ ନେଇଛନ୍ତି ଯେ : **1.** ଏହା ସତ୍ୟ ଯେ ଆବେଦନକାରୀ, ମକଦ୍ଦମା ଦାୟର କରିବା ସମୟରେ, ଦାବିର ବୈଧତା ଉପରେ ପ୍ରଶ୍ନ ଉଠାଇ ପାରିଥାନ୍ତେ ଏବଂ ଆଜ୍ଞାଦେଶ ଆବେଦନରେ ପରବର୍ତ୍ତୀ ବର୍ଷ ପାଇଁ ହୋଇଥିବା ଦାବିକୁ ଆପତ୍ତି କରୁଥିବାବେଳେ ପୂର୍ବ ବର୍ଷ ସମ୍ବନ୍ଧରେ ପ୍ରତିକାର ଦାବି କରିଥାନ୍ତେ । କିନ୍ତୁ, ମାମଲାର ପରିସ୍ଥିତିରେ କେବଳ ସେହି କାର୍ଯ୍ୟ କରିବାରେ ବିଫଳତା, ଆଇନ ଅନୁଯାୟୀ ଉପଲବ୍ଧ ପ୍ରତିକାରରୁ ଆବେଦନକାରୀଙ୍କୁ ବଞ୍ଚିତ କରେ ନାହିଁ । ମୂଳତଃ, ଏହି ଦାବି ସ୍ଥାବର ସମ୍ପତ୍ତିର ପ୍ରକୃତ ଲାଭ ଉପରେ ଆଧାରିତ ନୁହେଁ, ବରଂ ବ୍ୟବସାୟର ଆୟ ଉପରେ ଆଧାରିତ ଏବଂ ତେଣୁ ଏହା ବିନା ଅଧିକାରିତାରେ କରାଯାଇଛି । ପୂର୍ବ କାର୍ଯ୍ୟାନୁଷ୍ଠାନରେ ବୈଧତା ଉପରେ ପ୍ରଶ୍ନ ଉଠାଇନଥିବାରୁ ଆବେଦନକାରୀ ସ୍ପଷ୍ଟୀକରଣ ଦେଇଛନ୍ତି । କର୍ତ୍ତୃପକ୍ଷ ଦାବିର ପ୍ରକୃତି ସମ୍ବନ୍ଧରେ ଏକ ଆଇନଗତ ତ୍ରୁଟି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ କରିଛନ୍ତି । ଆବେଦନକାରୀ ଆଜ୍ଞାଦେଶ ଆବେଦନରେ ପୂର୍ବ ଦାବିକୁ ଅନ୍ତର୍ଭୁକ୍ତ କରିନଥିଲେ କାରଣ ଦାୟିତ୍ୱକୁ ସୀମିତ କରୁଥିବା ଚୁକ୍ତିନାମାକୁ କାର୍ଯ୍ୟକାରୀ କରିବା ପାଇଁ ଆଗତ କରାଯାଇଥିବା ମକଦ୍ଦମା, ବିଚାରାଧୀନ ଥିଲା, କିନ୍ତୁ ଆବେଦନକାରୀ ଆବେଦନରେ ହିଁ ପ୍ରଶ୍ନ ଉଠାଇବାକୁ ଚେଷ୍ଟା କରିଥିଲେ । ତେବେ, ଅଦାଲତ ଅତିରିକ୍ତ ଆଧାରକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ କାରଣ ଏହା ମକଦ୍ଦମାର ପରିସର ବାହାରେ ଥିଲା । ଏହା ପରେ, ସମସ୍ତ ପରିସ୍ଥିତିକୁ ବ୍ୟାଖ୍ୟା କରି ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଏହି ବିଳମ୍ବକୁ ଅତ୍ୟଧିକ ବୋଲି ବିବେଚନା କରିଥିଲେ । ଉଚ୍ଚ ନ୍ୟାୟାଳୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ଠିକ୍ ଭାବରେ ତର୍ଜମା କରିବାରେ ବିଫଳ ହୋଇଛନ୍ତି, ବିଶେଷକରି ଏହି ତଥ୍ୟକୁ ଯେ ପୂର୍ବ ମାମଲାରେ ଏହି ଦାବିକୁ ବେଆଇନ ବୋଲି ଘୋଷଣା କରାଯାଇଥିଲା ।

**2.** **ଅବହେଳା କିମ୍ବା ବିଳମ୍ବ ଆଧାରରେ ପକ୍ଷକୁ ପ୍ରତିକାର ପାଇବାକୁ ମନା କରିବାର ମୂଳନୀତି ହେଉଛି ଯେ, ଆବେଦନ ଦାଖଲ କରିବାରେ ବିଳମ୍ବ ହେତୁ ଅନ୍ୟମାନଙ୍କ ପାଇଁ ସୃଷ୍ଟି ହୋଇଥିବା ଅଧିକାରକୁ କୌଣସି ଯୁକ୍ତିଯୁକ୍ତ କାରଣ ନଥାଇ ବ୍ୟାହତ କରିବାକୁ ଅନୁମତି ଦିଆଯିବା ଉଚିତ ନୁହେଁ। ଏଭଳି ମାମଲାରେ ବିଳମ୍ବ ନିର୍ଦ୍ଧାରଣ କରିବାର ପ୍ରକୃତ ପରୀକ୍ଷା ହେଉଛି ଯେ ଆବେଦନକାରୀ, ଏକ ସମାନ୍ତରାଳ ଅଧିକାର ସୃଷ୍ଟି ହେବା ପୂର୍ବରୁ ଆଜ୍ଞାଦେଶ ନ୍ୟାୟାଳୟରେ ପହଞ୍ଚିବା ଉଚିତ୍ ଏବଂ ସମୟର ବ୍ୟବଧାନ କୌଣସି ଅବହେଳା  କିମ୍ବା ଅସାବଧାନତା କାରଣରୁ ହୋଇନଥିବା ଦରକାର । ଏହି ପରୀକ୍ଷା ସମୟର ଅତିକ୍ରମଣ ପାଇଁ ନୁହେଁ । ଯେଉଁଠାରେ ଆଚରଣକୁ ଉଚିତ ପ୍ରତିପାଦିତ କରୁଥିବା ପରିସ୍ଥିତି ବିଦ୍ୟମାନ, ସେଠାରେ ପ୍ରତିଫଳିତ ବେଆଇନ କାର୍ଯ୍ୟକୁ କେବଳ ଅବହେଳା ଆଧାରରେ ବଜାୟ ରଖାଯାଇପାରିବ ନାହିଁ।**

*ତ୍ରିଲୋକ ଚାନ୍ଦ ବନାମ ଏଚ. ବି. ମୁନ୍ସି,* **[1969] 2 ଏସ. ସି. ଆର. 824, ମାମଲାକୁ ବୈଶିଷ୍ଟ୍ୟତା ପ୍ରଦାନ କରାଯାଇଛି ।**

**3.** **ଏହି ମାମଲାରେ, 1953-54 ରୁ 1966-67 ବର୍ଷ ପାଇଁ ଉଦ୍ୟୋଗର ପ୍ରକୃତ ଲାଭ ଉପରେ କରାଯାଇଥିବା ଆକଳନ ଭିତ୍ତିରେ ହୋଇଥିବା ଦାବିଗୁଡ଼ିକ ସ୍ପଷ୍ଟ ଭାବରେ ଅସ୍ୱୀକାର୍ଯ୍ୟ ଅଟେ । ଉପ-କର କର୍ତ୍ତୃପକ୍ଷଙ୍କୁ କେବଳ କମ୍ପାନୀ ଦ୍ୱାରା ବ୍ୟବସାୟ ଉଦ୍ଦେଶ୍ୟରେ ବ୍ୟବହୃତ ଅସ୍ଥାବର ସମ୍ପତ୍ତିର ପ୍ରକୃତ ଲାଭକୁ ଧ୍ୟାନରେ ରଖି ଆକଳନ କରିବାକୁ ପଡିବ ଏବଂ ସେହି ଅନୁଯାୟୀ ଆକଳନକୁ ପରିବର୍ତ୍ତନ କରିବାକୁ ପଡିବ ।**

**4.** **ଆବେଦନକାରୀଙ୍କ ଦ୍ୱାରା ଦିଆଯାଇଥିବା ପ୍ରତିଶ୍ରୁତି ଦୃଷ୍ଟିରୁ ଏହା ନିର୍ଦ୍ଦେଶ ଦିଆଯାଇଥିଲା ଯେ ପୁନଃ ଆକଳନ ପରେ ଯଦି ଏହି ବର୍ଷଗୁଡ଼ିକ ପାଇଁ ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରାଶି ଏହିପରି ଆକଳନ କରାଯାଇଥିବା ରାଶିଠାରୁ ଅଧିକ ହୋଇଥାଏ, ତେବେ ଜିଲ୍ଲା ବୋର୍ଡ ଅତିରିକ୍ତ ଅର୍ଥ ଫେରସ୍ତ କରିବା ପାଇଁ ଉତ୍ତରଦାୟୀ ହେବ ନାହିଁ ଏବଂ ଯଦି ଗଣନା କରାଯାଇଥିବା ଉପ-କର, ପୂର୍ବରୁ ପ୍ରଦାନ କରାଯାଇଥିବା ପରିମାଣଠାରୁ ଅଧିକ ହୋଇଥାଏ, ତେବେ ଏପରି ଅତିରିକ୍ତ ଅର୍ଥ ପ୍ରଦାନ କରିବାର ଦାୟିତ୍ୱ ଆବେଦନକାରୀଙ୍କ ଉପରେ ରହିବ ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 3250/1983

6.1.1981ରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କ ସି.ଡବ୍ଲୁ.ଜେ.ସି ସଂଖ୍ୟା 1266/1980 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ସହିତ

ଦେୱାନୀ ଆବେଦନ ସଂଖ୍ୟା 3249/1983

ଏସ୍. କେ. ସିହ୍ନା ଆବେଦନକାରୀଙ୍କ ପାଇଁ।

ଏମ୍. ଏଲ୍. ବର୍ମା ଏବଂ ବି. ବି. ସିଂହ ଉତ୍ତରଦାତାମାନଙ୍କ ପାଇଁ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ଫାତିମା ବିବିଙ୍କ ଦ୍ୱାରା ।** ଆବେଦନକାରୀ ମେସର୍ସ ଦେହେରି ରୋହତସ ଲାଇଟ ରେଲୱେ କମ୍ପାନୀ ଲିମିଟେଡ୍ ବିହାରର ରୋହତାସ ଜିଲ୍ଲାର ଦେହେରି-ଅନ୍-ସୋନରୁ ତିଉରା ପିପ୍ରାଡିହ ମଧ୍ୟରେ ଏକ ହାଲୁକା ରେଳ ଚଳାଚଳ ବ୍ୟବସାୟ କରିଥିଲା । ଉକ୍ତ ହାଲୁକା ରେଳପଥ ପାଇଁ 67 କିଲୋମିଟରରୁ ଅଧିକ ରେଳ ଲାଇନ ବିଛାଯାଇଥିଲା । ଏହି କ୍ଷେତ୍ରଟି 413.55 ଏକର ମାଲିକାନାରେ ଥିଲା ଏବଂ/କିମ୍ବା କମ୍ପାନୀ ଦ୍ୱାରା ପଟ୍ଟାଧାରୀ ଭାବରେ ବ୍ୟବହୃତ ହୋଇଥିଲା । ଆବେଦନକାରୀ, ବେଙ୍ଗଲ ଉପ-କର ଅଧିନିୟମ 1880ର IX ର ଧାରା 5 ଅନୁଯାୟୀ ଜିଲ୍ଲା ବୋର୍ଡକୁ ଉପ-କର ଦେବାକୁ ଦାୟୀ ଥିଲେ ।

ଆବେଦନକାରୀ ଏବଂ ଶାହାବାଦ ଜିଲ୍ଲା ବୋର୍ଡ (ବର୍ତ୍ତମାନ ଭୋଜପୁର) ମଧ୍ୟରେ 7.8.1953 ରେ ଏକ ଅଣପଞ୍ଜିକୃତ ରାଜିନାମା ସ୍ୱାକ୍ଷରିତ ହୋଇଥିଲା । ଏହା ଦ୍ୱାରା ଏହା ସହମତି ପ୍ରକାଶ ପାଇଥିଲା ଯେ କମ୍ପାନୀ ଏହାର ରେଳ ବ୍ୟବସାୟରେ ଲାଭ କିମ୍ବା କ୍ଷତି ନିର୍ବିଶେଷରେ ବେଙ୍ଗଲ ଉପ-କର ଅଧିନିୟମ 1880 ର IX ଅନୁଯାୟୀ ରେଳବାଇ ସମ୍ବନ୍ଧରେ ଉପ-କର ପାଇଁ ବାର୍ଷିକ ଏକ ନିର୍ଦ୍ଦିଷ୍ଟ ରାଶି ତଥା 10,000/-ଟଙ୍କା ପ୍ରଦାନ କରିବ । 7.8.1953 ର ଚୁକ୍ତିନାମା ଅନୁଯାୟୀ କମ୍ପାନୀ 1953-54 ରୁ 1966-1967 ମସିହା ପର୍ଯ୍ୟନ୍ତ ଉପ-କର ପ୍ରଦାନ କରିଥିଲା ।

27.10.1967 ରେ, ସଂଗ୍ରାହକ ଆବେଦନକାରୀଙ୍କ ଠାରୁ 9,86,809.33/-ଟଙ୍କା ଦାବି କରିଥିଲେ ଯେଉଁଥିରେ ସୂଚିତ କରାଯାଇଥିଲା ଯେ, ରାଜ୍ୟ, 7.8.1953 ତାରିଖର ଅଣପଞ୍ଜୀକୃତ ଚୁକ୍ତିନାମା ଦ୍ୱାରା ବାଧ୍ୟ ନୁହେଁ । କମ୍ପାନୀ ଚୁକ୍ତିନାମାକୁ କାର୍ଯ୍ୟକାରୀ କରିବା ଏବଂ ଉତ୍ତରଦାତାମାନଙ୍କୁ ବାର୍ଷିକ ନିର୍ଦ୍ଧାରିତ 10,000/-ଟଙ୍କାରୁ ଅଧିକ କୌଣସି ଦାବି କରିବାରୁ ରୋକିବା ପାଇଁ ତୃତୀୟ ଅତିରିକ୍ତ ଅଧସ୍ତନ ବିଚାରପତି, ସାସାରାମଙ୍କ ଅଦାଲତରେ 60/1968 ନାମରେ ଏକ ମକଦ୍ଦମା ଆଗତ କରିଥିଲା । 13.9.1971 ତାରିଖର ରାୟ ଦ୍ୱାରା ଏହି ମକଦ୍ଦମା ଖାରଜ ହୋଇଥିଲା ।ସେହି ନିର୍ଣ୍ଣୟ ବିରୁଦ୍ଧରେ ଉଚ୍ଚ ନ୍ୟାୟଳୟରେ ଦାଖଲ ହୋଇଥିବା ପ୍ରଥମ ଆବେଦନ ସଂଖ୍ୟା 1242/1971 ମଧ୍ୟ 23.5.1980 ର ରାୟ ଦ୍ୱାରା ଖାରଜ ହୋଇଥିଲା । ଦେୱାନୀ ଆବେଦନ ସଂଖ୍ୟା 3249/1983 ରେ ଉଚ୍ଚ ନ୍ୟାୟାଳୟର ଏହି ରାୟ ବିରୁଦ୍ଧରେ, ନିର୍ଦ୍ଦେଶ ଦିଆଯାଇଛି ।

ଇତି ମଧ୍ୟରେ 1967-1968 ରୁ 1971-1972 ବର୍ଷ ପାଇଁ କମ୍ପାନୀ ବିରୋଧରେ ଉପ-କର ଦାବି କରାଯାଇଥିଲା । ଆଜ୍ଞାଦେଶ ଆବେଦନ ସଂଖ୍ୟା 1372/1974 ଦାଖଲ ଦ୍ୱାରା ଏହି ଦାବିକୁ ଉଚ୍ଚ ନ୍ୟାୟାଳୟରେ ଆପତ୍ତି କରାଯାଇଥିଲା । ବେଙ୍ଗଲ ଉପ-କର ଅଧିନିୟମ 1880 ର ଧାରା 5 ସହିତ ପାଠ କରାଯାଉଥିବା ଧାରା 6 ଅନୁଯାୟୀ ଉପ-କରକୁ କିପରି ଆକଳନ କରାଯିବ, ସେ ନିର୍ଦ୍ଦେଶ ସହିତ ଉଚ୍ଚ ନ୍ୟାୟାଳୟ 30.3.1979 ର ରାୟ ଦ୍ୱାରା ଦାବି ନୋଟିସକୁ ରଦ୍ଦ କରିଦେଇଛନ୍ତି । 1979 ବିହାର ବାର୍ କାଉନସିଲ୍ ଜର୍ଣ୍ଣାଲ୍ 428 ରେ ସୂଚିତ ଏହି ରାୟ ଉପରେ ଆଧାର କରି, 1953-54 ରୁ 1966-1967 ଅବଧି ପାଇଁ ଦାବି ବିଜ୍ଞପ୍ତି ରଦ୍ଦ କରିବା ପାଇଁ ଆବେଦନକାରୀ, ପାଟନା ଉଚ୍ଚ ନ୍ୟାୟାଳୟରେ ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ସି.ଡବ୍ଲ୍ୟୁ.ଜେ.ସି. ସଂଖ୍ୟା 1266/1979 ଆଗତ କରିଥିଲେ । ଉଚ୍ଚ ନ୍ୟାୟାଳୟ 6.1.1981 ତାରିଖର ରାୟ ଦ୍ୱାରା ପ୍ରାରମ୍ଭିକ ଭାବେ ଥିବା ଆଜ୍ଞାଦେଶ ଆବେଦନକୁ ଖାରଜ କରିଦେଇଥିଲେ । ଉଚ୍ଚ ନ୍ୟାୟାଳୟଙ୍କ 6.1.1981 ତାରିଖର ରାୟ ବିରୁଦ୍ଧରେ ଦେୱାନୀ ଆବେଦନ ସଂଖ୍ୟା 3250/1983 ରେ ନିର୍ଦ୍ଦେଶ ଦିଆଯାଇଛି ।

ବେଙ୍ଗଲ ଉପ-କର ଅଧିନିୟମ ବିହାର ରାଜ୍ୟ ପାଇଁ ଲାଗୁ ହୋଇଥିଲା ଏବଂ ଉକ୍ତ ଅଧିନିୟମର ଧାରା 5 ଅନୁଯାୟୀ ସମସ୍ତ ସ୍ଥାବର ସମ୍ପତ୍ତି, ସ୍ଥାନୀୟ ଉପ-କର ପାଇଁ ଯୋଗ୍ୟ ଥିଲା । ଖଣି ଏବଂ ଖାଦାନ ଏବଂ ଟ୍ରାମୱେ, ରେଳବାଇ ଏବଂ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିର ବାର୍ଷିକ ପ୍ରକୃତ ଲାଭ ଉପରେ ସଂସଦ ଦ୍ୱାରା ଏହାର ବିପରୀତ ବ୍ୟବସ୍ଥା କରାଯିବା ପର୍ଯ୍ୟନ୍ତ, ଧାରା 6 ଅନୁଯାୟୀ, ଜମିର ବାର୍ଷିକ ମୂଲ୍ୟ ଉପରେ ସ୍ଥାନୀୟ ଉପ-କର ଆକଳନ କରାଯିବାର ଥିଲା । ତଦନୁସାରେ, ଯେଉଁ ସ୍ଥାବର ସମ୍ପତ୍ତି ଉପରେ ଏହାର ରେଳବାଇ ନିର୍ମାଣ ଏବଂ ପରିଚାଳିତ ହେଉଛି, ସେହି କ୍ଷେତ୍ରରେ କମ୍ପାନୀ ଦ୍ୱାରା ଉପ-କର ଦେୟ, ଉକ୍ତ ସ୍ଥାବର ସମ୍ପତ୍ତିରୁ ଉପୁଜିଥିବା ପ୍ରକୃତ ଲାଭ ଉପରେ ମୂଲ୍ୟାଙ୍କନ କରାଯିବ, ରେଳବାଇ ଚଳାଇବାର ସମଗ୍ର ବ୍ୟବସାୟର ପ୍ରକୃତ ଲାଭ ଉପରେ ନୁହେଁ, ଯାହା କମ୍ପାନୀ ଏହାର ରେଳବାଇ ଅଙ୍ଗୀକାରରୁ ହାସଲ କରିଛି ।

ଅତିରିକ୍ତ ସଂଗ୍ରାହକ ବିଭିନ୍ନ ବିଜ୍ଞପ୍ତି ଜରିଆରେ 1953-54 ରୁ 1966-1967 ବର୍ଷ ପାଇଁ କମ୍ପାନୀ ଜମି ଉପରେ ପ୍ରକୃତ 9,86,809.33/ଟଙ୍କାର ବକେୟା ଦେୟ ଦାବି କରିଥିଲେ, ଯଦିଓ ନିର୍ଦ୍ଧାରିତ ଭଡ଼ା ଏବଂ ଉପ-କରର ସମ୍ପୂର୍ଣ୍ଣ ପଇଠ ପ୍ରାସଙ୍ଗିକ ଅବଧି ପାଇଁ କରାଯାଇଥିଲା ।ଦାବିଗୁଡ଼ିକ, ରେଳବାଇ ପାଇଁ କମ୍ପାନୀ ଦ୍ୱାରା ବ୍ୟବହୃତ ଉକ୍ତ ଜମିରୁ ଉଦ୍ଭୂତ ପ୍ରକୃତ ଲାଭ ଉପରେ ଆଧାରିତ ନୁହେଁ, ବରଂ ରେଳବାଇ ଉଦ୍ୟୋଗର ସମଗ୍ର ବ୍ୟବସାୟର ପ୍ରକୃତ ଲାଭ ଉପରେ ଆଧାରିତ । କମ୍ପାନୀ ଉକ୍ତ ଜମିର ନୁହେଁ ବରଂ ଏହାର ସମଗ୍ର ରେଳ ବ୍ୟବସାୟର ପ୍ରକୃତ ଲାଭ ଦର୍ଶାଇ ଆୟକର ଦାଖଲ କରିଛି ଯାହା ଆଧାରରେ ଉପରୋକ୍ତ ଉପ-କର ଦାବି କରାଯାଇଥିଲା ।

ଉତ୍ତରଦାତାମାନଙ୍କୁ 10,000/-ଟଙ୍କାରୁ ଅଧିକ କୌଣସି ଦାବି କରିବାକୁ ବାରଣ କରିବା ପାଇଁ 7.8.1953 ତାରିଖର ଚୁକ୍ତିନାମା ଆଧାରରେ କମ୍ପାନୀ 1953-54 ରୁ 1966-1967 ବର୍ଷ ପାଇଁ କରାଯାଇଥିବା ଦାବିକୁ ଆପତ୍ତି କରି ମକଦ୍ଦମା ଦାୟର କରିଥିଲା । କମ୍ପାନୀ ଏବଂ ଜିଲ୍ଲା ବୋର୍ଡ ମଧ୍ୟରେ ହୋଇଥିବା ଚୁକ୍ତିକୁ ବିହାର ରାଜ୍ୟ ସମ୍ମତି ଦେଇନଥିବାରୁ, କେବଳ ସେହି ଆଧାରରେ ମକଦ୍ଦମାକୁ ଖାରଜ କରାଯାଇଥିଲା ।

ପରବର୍ତ୍ତୀ ବର୍ଷ 1967-1968 ରୁ 1971-1972 ର ଦାବିକୁ ଆଜ୍ଞାଦେଶ ଆବେଦନରେ ଏହି ଆଧାରରେ ଆପତ୍ତି କରାଯାଇଥିଲା ଯେ ଉପ-କର ପାଇଁ ଉକ୍ତ ଦାବି କମ୍ପାନୀର ସମଗ୍ର ରେଳ ଉଦ୍ୟୋଗର ପ୍ରକୃତ ଲାଭ ଉପରେ ଆଧାରିତ ଥିଲା ଏବଂ ଉକ୍ତ ରେଳ ଉଦ୍ୟୋଗ ପାଇଁ ବ୍ୟବହୃତ ଜମିର ପ୍ରକୃତ ଲାଭ ଆଧାରରେ ନୁହେଁ । ଉଚ୍ଚ ନ୍ୟାୟାଳୟ ଆଜ୍ଞାଦେଶ ଆବେଦନକୁ ଅନୁମତି ଦେଇଛନ୍ତି ଏବଂ ଏହି ଆଧାରକୁ ଗ୍ରହଣ କରି, ଉକ୍ତ ବିଜ୍ଞପ୍ତିଗୁଡ଼ିକୁ ନାକଚ କରିଛନ୍ତି ।

ତେଣୁ ଏହି ଆବେଦନଗୁଡ଼ିକରେ ଉଠୁଥିବା ପ୍ରଶ୍ନ ହେଉଛି ଆବେଦନକାରୀ ପୂର୍ବ ବର୍ଷଗୁଡ଼ିକର ଦାବି ସମ୍ବନ୍ଧରେ ସମାନ ପ୍ରତିକାର ପାଇବାକୁ ହକଦାର କି । ଯେହେତୁ ପୂର୍ବ ବର୍ଷଗୁଡିକର ଦାବିଗୁଡ଼ିକ ଚଳିତ ମକଦ୍ଦମାରେ ଆପତ୍ତିର ବିଷୟବସ୍ତୁ ଥିଲା, ଯାହା ବିଚାରାଧୀନ ରହିଥିଲା, ତେଣୁ କମ୍ପାନୀ ପୂର୍ବରୁ ଦାଖଲ କରାଯାଇଥିବା ଆଜ୍ଞାଦେଶ ଆବେଦନରେ ଉକ୍ତ ଦାବିଗୁଡ଼ିକୁ ବାତିଲ କରିବା ପାଇଁ କୌଣସି ପ୍ରତିକାର ଲୋଡି ନଥିଲା । ଦର୍ଶାଯାଇଥିବା ମକଦ୍ଦମାର ଆପତ୍ତି, କେବଳ ରାଜିନାମା ଆଧାରରେ ଥିଲା ଏବଂ ବେଆଇନ ଆଧାରରେ ନୁହେଁ । କମ୍ପାନୀ ପ୍ରଥମ ଆଜ୍ଞାଦେଶ ଆବେଦନରେ ପୂର୍ବ ବର୍ଷଗୁଡ଼ିକର ଦାବିଗୁଡ଼ିକୁ ସାମିଲ କରିନଥିଲା । ତେଣୁ, ଉତ୍ତରଦାତାମାନଙ୍କ ପାଇଁ ଏହା ଯୁକ୍ତି କରାଯାଇଛି ଯେ ଦୀର୍ଘ ବର୍ଷର ଅବସାନ ପରେ ଦାଖଲ ହୋଇଥିବା ଦ୍ୱିତୀୟ ଆଜ୍ଞାଦେଶ ଆବେଦନ, ଉଚ୍ଚ

ନ୍ୟାୟାଳୟଙ୍କ ଦ୍ୱାରା ସଠିକ୍ ଭାବରେ ଖାରଜ ହୋଇଛି । ଏହା ମଧ୍ୟ ଯୁକ୍ତି କରାଯାଇଛି ଯେ ବର୍ତ୍ତମାନ ଅନୁରୋଧ କରାଯାଇଥିବା ଆଧାରରେ ଦେୱାନୀ ମକଦ୍ଦମାରେ କରାଯାଇଥିବା ଦାବିଗୁଡ଼ିକୁ ନାକଚ କରାଯାଇପାରିବ ନାହିଁ । ତେଣୁ ଉତ୍ତରଦାତାମାନଙ୍କ ପାଇଁ ବିଦ୍ୱାନ ଓକିଲ ଉପସ୍ଥାପନା କରିଛନ୍ତି ଯେ ଏହି ଆବେଦନଗୁଡ଼ିକ ବିଫଳ ହେବା ଉଚିତ୍ । ଉଚ୍ଚ ନ୍ୟାୟାଳୟର ରାୟକୁ ସମର୍ଥନ କରି, ସେ, *ତ୍ରିଲୋକ ଚାନ୍ଦ ବନାମ ଏଚ. ବି. ମୁନ୍ସି,* [1969] 2 ଏସସିଆର 824 ମାମଲାରେ ପ୍ରଦାନ କରାଯାଇଥିବା ଏହି ନ୍ୟାୟାଳୟଙ୍କ ନିର୍ଣ୍ଣୟ ଉପରେ ମଧ୍ୟ ନିର୍ଭର କରିଥିଲେ ଯେ ଅତ୍ୟଧିକ ବିଳମ୍ବ ପରେ ଆଜ୍ଞାଦେଶ ଆବେଦନକୁ ଗ୍ରହଣ କରାଯାଇପାରିବ ନାହିଁ ।

ଆବେଦନକାରୀଙ୍କ ବିଦ୍ୱାନ ଓକିଲ ଉଚ୍ଚ ନ୍ୟାୟାଳୟର ପୂର୍ବ ନିର୍ଣ୍ଣୟ ବିଷୟରେ ଉଲ୍ଲେଖ କରିଥିଲେ ଯେଉଁଥିରେ ନ୍ୟାୟାଳୟ ଏହିପରି ମନ୍ତବ୍ୟ ଦେଇଥିଲେ:-

> "....ଆଇନର ପ୍ରସଙ୍ଗରେ ରେଳବାଇରୁ ହେଉଥିବା ପ୍ରକୃତ ଲାଭକୁ ଏକ ସଂକୀର୍ଣ୍ଣ ଅର୍ଥ ଦିଆଯିବା ଆବଶ୍ୟକ ଏବଂ ଏହା ହେଉଛି ରେଳବାଇର ସ୍ଥାବର ସମ୍ପତ୍ତିରୁ ହେଉଥିବା ପ୍ରକୃତ ଲାଭ, ଯାହା ସ୍ଥାନୀୟ କର ପୈଠ ପାଇଁ ଯୋଗ୍ୟ ଅଟେ । ତେଣୁ, କମ୍ପାନୀର ପ୍ରକୃତ ଲାଭ ଆଂଶିକ ଭାବରେ ଏହାର ସ୍ଥାବର ସମ୍ପତ୍ତିର ମାଲିକାନା ଏବଂ ଆଂଶିକ ଭାବରେ ଏହାର ଅସ୍ଥାବର ସମ୍ପତ୍ତିର ମାଲିକାନା ସହିତ ଜଡ଼ିତ ଅଟେ । ଏହା କେବଳ ପ୍ରକୃତ ଲାଭର ସେହି ଅଂଶ ଯାହା ଆବେଦନକାରୀ କମ୍ପାନୀର ସ୍ଥାବର ସମ୍ପତ୍ତିର ବ୍ୟବହାରରୁ ଉତ୍ପନ୍ନ ହୁଏ ଯାହା ଉପ-କର ପାଇଁ ଯୋଗ୍ୟ । ଯଦି ଏହା ସଠିକ୍ ଦୃଷ୍ଟିକୋଣ ହୋଇଥାଏ, ତେବେ ଅନୁଲଗ୍ନକ 3ରୁ 7ରେ ଥିବା ବର୍ତ୍ତମାନର ଦାବି ଗ୍ରହଣୀୟ ନୁହେଁ । ଅବଶ୍ୟ, ବ୍ୟାଖ୍ୟା କରାଯାଇଥିବା ଆଇନଗତ ସ୍ଥିତିକୁ ଦୃଷ୍ଟିରେ ରଖି ଏବଂ ପ୍ରକୃତ ଆୟର କେଉଁ ଅଂଶ ଏହାର ସ୍ଥାବର ସମ୍ପତ୍ତିର ମାଲିକାନା ସହିତ ଜଡ଼ିତ ଅଟେ, ତାହା ନିର୍ଦ୍ଧାରଣ କରିବା ପରେ କର୍ତ୍ତୃପକ୍ଷମାନେ ଉପ-କରକୁ ପୁନଃ ମୂଲ୍ୟାଙ୍କନ କରିପାରିବେ ।"

ତଦନୁସାରେ ଏହା ସ୍ଥିର ହୋଇଛି ଯେ ଉପ-କର ଆଇନ ଅଧୀନରେ ଶୁଳ୍କ ଲାଗୁକରିବାର ବୈଧାନିକ ଆଧାର ହେଉଛି କମ୍ପାନୀର ସ୍ଥାବର ସମ୍ପତ୍ତି । ଆବେଦନକାରୀଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ ଯେ, ଉପ-କର କର୍ତ୍ତୃପକ୍ଷଙ୍କ ଅଧିକାର କେବଳ କମ୍ପାନୀର ସ୍ଥାବର ସମ୍ପତ୍ତିରୁ ହେଉଥିବା ପ୍ରକୃତ ଲାଭ ଉପରେ ଉପ-କର ଆଦାୟ କରିବା ମଧ୍ୟରେ ସୀମିତ ଅଟେ, ଯଦି ସେମାନେ ଏହା ବ୍ୟତୀତ ଅନ୍ୟ କୌଣସି ଉପାୟରେ ଉପ-କର ଆଦାୟ କରନ୍ତି, ତେବେ ତାହା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 265 ର ଉଲ୍ଲଂଘନ ହେବ ।

ତେଣୁ ବିଚାର ପାଇଁ ପ୍ରଶ୍ନ ହେଉଛି ଆବେଦନକାରୀଙ୍କୁ ଅବହେଳା ଏବଂ ବିଳମ୍ବ କାରଣରୁ ପ୍ରତିକାରରୁ ବଞ୍ଚିତ କରାଯିବା ଉଚିତ କି । ଏହା ସତ୍ୟ ଯେ ଆବେଦନକାରୀ ମକଦ୍ଦମା ଦାୟର କରିବା ସମୟରେ ମଧ୍ୟ ଦାବିର ବୈଧତା ପ୍ରଶ୍ନକୁ ଉଠାଇ ପାରିଥାନ୍ତେ ଏବଂ ଆଜ୍ଞାଦେଶ ଆବେଦନରେ, ପରବର୍ତ୍ତୀ ବର୍ଷ ପାଇଁ କରାଯାଇଥିବା ଦାବିକୁ ଆପତ୍ତି କରୁଥିବାବେଳେ ପୂର୍ବ ବର୍ଷ ସମ୍ବନ୍ଧରେ ପ୍ରତିକାର ଦାବି କରିଥାନ୍ତେ । କିନ୍ତୁ ଆମ ମତରେ, ପରିସ୍ଥିତିରେ କେବଳ ସେପରି କରିବାରେ ବିଫଳତା, ଆଇନ ଅନୁଯାୟୀ ଉପଲବ୍ଧ ପ୍ରତିକାରରୁ ଅବେଦନକାରୀଙ୍କୁ ବଞ୍ଚିତ କରେ ନାହିଁ । ଦାବିଟି ସ୍ଥାବର ସମ୍ପତ୍ତିର ପ୍ରକୃତ ଲାଭ ଉପରେ ଆଧାରିତ ନୁହେଁ, ବରଂ ବ୍ୟବସାୟର ଆୟ ଉପରେ ଆଧାରିତ, ତେଣୁ ଏହାର କୌଣସି ଆଇନଗତ ଅଧିକାର ନାହିଁ । ପୂର୍ବ କାର୍ଯ୍ୟାନୁଷ୍ଠାନରେ ବୈଧତା ଉପରେ ପ୍ରଶ୍ନ ଉଠାଇନଥିବାରୁ ଆବେଦନକାରୀ ସ୍ପଷ୍ଟୀକରଣ ଦେଇଛନ୍ତି । ଏହା ପ୍ରତୀୟମାନ ହେଉଛି ଯେ କର୍ତ୍ତୃପକ୍ଷମାନେ ଦାବି କରିବାର ପ୍ରକୃତି

ବିଷୟରେ ଆଇନର ତ୍ରୁଟି ଅନୁଯାୟୀ ଅଗ୍ରସର ହୋଇଥିଲେ ।ଆବେଦନକାରୀ ପୂର୍ବ ଦାବିକୁ ଆଜ୍ଞାଦେଶ ଆବେଦନରେ ସାମିଲ କରିନଥିଲେ, କାରଣ ଦାୟିତ୍ୱକୁ ସୀମିତ କରୁଥିବା ଚୁକ୍ତିନାମାକୁ କାର୍ଯ୍ୟକାରୀ କରିବା ପାଇଁ ଥିବା ମକଦ୍ଦମା, ଆବେଦନରେ ବିଚାରାଧୀନ ଥିଲା, କିନ୍ତୁ ଆବେଦନକାରୀ ନିଜେ ଆବେଦନରେ ପ୍ରଶ୍ନ ଉଠାଇବାକୁ ଚେଷ୍ଟା କରିଥିଲେ। । ତେବେ, ନ୍ୟାୟାଳୟ ଅତିରିକ୍ତ ଆଧାରକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ କାରଣ ଏହା ମକଦ୍ଦମାର ପରିସର ବାହାରେ ଥିଲା । ଏହା ପରେ, ସମସ୍ତ ପରିସ୍ଥିତି ବ୍ୟାଖ୍ୟା କରି ବର୍ତ୍ତମାନର ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଏହି ବିଳମ୍ବକୁ ଅତ୍ୟଧିକ ବୋଲି ବିବେଚନା କରିଥିଲେ । ଆମ ବିଚାରରେ, ଉଚ୍ଚ ନ୍ୟାୟାଳୟ ସମସ୍ତ ଭୌତିକ ତଥ୍ୟକୁ ବିଶେଷ କରି ଏହି ସତ୍ୟକୁ ଗ୍ରହଣ କରିବାରେ ବିଫଳ ହୋଇଥିଲେ ଯେ ଏହି ଦାବି ବେଆଇନ, ଯେପରି ଏହା ପୂର୍ବରୁ, ପୂର୍ବ ମାମଲାରେ ଘୋଷଣା କରାଯାଇଛି ।

ନ୍ୟାୟାଳୟ ବିଳମ୍ବିତ ଏବଂ ପୁରୁଣା ଦାବିର ତଦନ୍ତ କରିପାରିବେ ନାହିଁ ବୋଲି କହୁଥିବା ନିୟମଟି ଆଇନର ଏକ ନିୟମ ନୁହେଁ, ବରଂ ବିବେକର ସଠିକ୍ ଏବଂ ଉପଯୁକ୍ତ ପ୍ରୟୋଗ ଉପରେ ଆଧାରିତ ଏକ ଅଭ୍ୟାସଗତ ନିୟମ ଅଟେ । ପ୍ରତ୍ୟେକ ମାମଲା ତା 'ର ନିଜସ୍ୱ ତଥ୍ୟ ଉପରେ ନିର୍ଭରଶୀଳ । ଏହା ସବୁ ମୌଳିକ ଅଧିକାରର ଉଲ୍ଲଂଘନ ଏବଂ ଦାବି କରାଯାଇଥିବା ପ୍ରତିକାର କ'ଣ ଏବଂ ବିଳମ୍ବ କିପରି ହେଲା ତାହା ଉପରେ ନିର୍ଭର କରିବ । ଅବହେଳା ବା ବିଳମ୍ବ ଆଧାରରେ ପକ୍ଷକୁ ପ୍ରତିକାର ପାଇବାକୁ ମନା କରିବାର ମୂଳ ନୀତି ହେଉଛି ଯେ, ଆବେଦନ ଦାଖଲ କରିବାରେ ବିଳମ୍ବ ଯୋଗୁଁ ଅନ୍ୟମାନଙ୍କ ପାଇଁ ସୃଷ୍ଟି ହୋଇଥିବା ଅଧିକାର ଗୁଡ଼ିକୁ ବିଚଳିତ କରିବାକୁ ଅନୁମତି ଦିଆଯିବା ଉଚିତ ନୁହେଁ, ଯଦି ପକ୍ଷ ବିଳମ୍ବର ଏକ ଯୁକ୍ତିଯୁକ୍ତ କାରଣ ଦେଇପାରୁନାହିଁ । ଏହିପରି ମାମଲାରେ ବିଳମ୍ବ ନିର୍ଦ୍ଧାରଣ କରିବାର ପ୍ରକୃତ ପରୀକ୍ଷା ହେଉଛି ଯେ ଆବେଦନକାରୀ ଆଜ୍ଞାଦେଶ ନ୍ୟାୟାଳୟକୁ ସେତେବେଳେ ଆସିବା ଉଚିତ, ଯେତେବେଳେ କୌଣସି ସମାନ୍ତରାଳ ଅଧିକାର ସୃଷ୍ଟି ହୋଇନଥାଏ ଏବଂ ସମୟର ବ୍ୟବଧାନ କୌଣସି ଅବହେଳା କିମ୍ବା ତ୍ରୁଟି ଯୋଗୁଁ ହୋଇନଥାଏ । ଏହି ପରୀକ୍ଷା ସମୟର ଅତିକ୍ରମଣ ବୁଝାଯିବା ପାଇଁ ନୁହେଁ । ଯେଉଁଠାରେ ଆଚରଣକୁ ଉଚିତ ପ୍ରମାଣିତ କରୁଥିବା ପରିସ୍ଥିତି ବିଦ୍ୟମାନ, ସେଠାରେ ପ୍ରକାଶିତ ବେଆଇନ କାର୍ଯ୍ୟକୁ କେବଳ ଅବହେଳା ଆଧାରରେ ବଜାୟ ରଖାଯାଇପାରିବ ନାହିଁ । *ତ୍ରିଲୋକ ଚାନ୍ଦ* (ଉପୋରୋକ୍ତ) ମାମଲାରେ ଯେଉଁ ନିର୍ଣ୍ଣୟ ଉପରେ ନିର୍ଭର କରାଯାଇଥିଲା, ତାହା ବର୍ତ୍ତମାନର ମାମଲାର ତଥ୍ୟ ଉପରେ ନିର୍ଭରଶୀଳ । ଯଦି ରେଳବାଇ ଉଦ୍ୟୋଗର ପ୍ରକୃତ ଲାଭ ଉପରେ କର ଆଧାରିତ ହୋଇଥାଏ, ତେବେ ତାହା କ୍ଷମତା ବା ଅଧିକାରର ବାହାରେ ଥିଲା ଏବଂ ପରବର୍ତ୍ତୀ ବର୍ଷଗୁଡିକ ସମ୍ବନ୍ଧୀୟ ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କ ଘୋଷଣା ପରେ, ବିଳମ୍ବରେ ହେଲେ ମଧ ଚଳିତ ମାମଲାରେ ତାହାର ବେଆଇନ ପ୍ରକୃତି କୁ ପ୍ରଶ୍ନ କରାଯାଇଛି । କେବଳ ଏହି ବିଳମ୍ବ କାରଣରୁ ଆବେଦନକାରୀଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରାଯାଇପାରିବ ନାହିଁ । ଆମର ମତ ଯେ, ଉଚ୍ଚନ୍ୟାୟାଳୟ ଆଜ୍ଞାଦେଶ ଆବେଦନକୁ ପ୍ରାରମ୍ଭିକ ସ୍ତରରେ ଖାରଜ କରି ଏବଂ ଅନୁରୋଧ କରାଯାଇଥିବା ପ୍ରତିକାରକୁ ମନା କରି ତ୍ରୁଟି କରିଛନ୍ତି । ତଥାପି, ଆମେ ସହମତ ଯେ ଏହି ମକଦ୍ଦମାକୁ ସଠିକ୍ ଭାବରେ ଖାରଜ କରାଯାଇଛି ।

ଯେହେତୁ ସମଗ୍ର ମାମଲା ଆମ ସମ୍ମୁଖରେ ଅଛି, ଆମେ ବିଚାର କରୁନାହୁଁ ଯେ ନୂତନ ଫେସଲ ପାଇଁ ମାମଲାଟିକୁ ଉଚ୍ଚ ନ୍ୟାୟାଳୟକୁ ପଠାଇବା ଆବଶ୍ୟକ । ପୂର୍ବ ନିର୍ଣ୍ଣୟକୁ ଦୃଷ୍ଟିରେ ରଖି, ଏହା ସ୍ଥିର କରିବାକୁ ହେବ ଯେ ଉଦ୍ୟୋଗର ପ୍ରକୃତ ଲାଭ ଉପରେ 1953-1954 ରୁ 1966-1967 ବର୍ଷ ପାଇଁ ଆକଳନ ଆଧାରରେ କରାଯାଇଥିବା ଦାବି ସ୍ପଷ୍ଟ ଭାବରେ ଅଗ୍ରହଣୀୟ ଅଟେ ।ଉପ-କର କର୍ତ୍ତୃପକ୍ଷଙ୍କୁ କେବଳ କମ୍ପାନୀ ଦ୍ୱାରା ବ୍ୟବସାୟ

ଉଦ୍ଦେଶ୍ୟରେ ବ୍ୟବହୃତ ସ୍ଥାବର ସମ୍ପତ୍ତିର ପ୍ରକୃତ ଲାଭକୁ ଧ୍ୟାନରେ ରଖି ମୂଲ୍ୟାଙ୍କନ କରିବାକୁ ପଡିବ ଏବଂ ସେହି ଅନୁଯାୟୀ ମୂଲ୍ୟାଙ୍କନ ପରିବର୍ତ୍ତନ କରିବାକୁ ପଡିବ । ଉତ୍ତରଦାତାଙ୍କ ତରଫରୁ ଉପସ୍ଥାପନା କରାଯାଇଥିଲା ଯେ ଜିଲ୍ଲା ବୋର୍ଡ ବାର୍ଷିକ 10,000/-ଟଙ୍କା ହାରରେ ଉପ-କର ଗ୍ରହଣ କରିଛି ଏବଂ ଯଦି ପରିବର୍ତ୍ତିତ ମୂଲ୍ୟାଙ୍କନ ଉପରେ, ଦେୟ ହ୍ରାସ କରାଯାଏ, ତେବେ ଅତିରିକ୍ତ ଫେରସ୍ତ ପାଇଁ ଜିଲ୍ଲା ବୋର୍ଡ ଉପରେ ଦାୟିତ୍ୱ ରହିବ ଏବଂ ଏହା ହେଉଛି ଏକ କାରଣ ଯେଉଁଥିପାଇଁ କମ୍ପାନୀର ଦାବିକୁ ଏତେ ସମୟ ପରେ ଗ୍ରହଣ କରାଯାଇପାରିବ ନାହିଁ । ଏହା ମଧ୍ୟ ଉପସ୍ଥାପିତ ହୋଇଥିଲା ଯେ ଚୁକ୍ତିର ସର୍ତ୍ତାବଳୀ ଅନୁଯାୟୀ, 10,000/-ଟଙ୍କାରୁ ଅଧିକ ରାଶି ଅତିରିକ୍ତ ଜିଲ୍ଲା ବୋର୍ଡ ଦ୍ୱାରା ପ୍ରଦାନ କରାଯିବ ଏବଂ ଏହା ଏକ ଅତିରିକ୍ତ ବୋଝ ହେବ । ଆବେଦନକାରୀଙ୍କ ତରଫରୁ ଏହା ନ୍ୟାୟସଙ୍ଗତ ଭାବେ ସ୍ୱୀକାର କରାଯାଇଛି ଯେ ପରିବର୍ତ୍ତିତ ମୂଲ୍ୟାଙ୍କନ ଆଧାରରେ କମ୍ପାନୀ ଜିଲ୍ଲା ବୋର୍ଡରୁ କୌଣସି ଫେରସ୍ତ ଦାବି ନକରିବାକୁ ପ୍ରତିଶ୍ରୁତି ଦେଇଛି ଏବଂ ଚୁକ୍ତିନାମା ଅନୁଯାୟୀ ସମାନ ଦେୟ ପଇଠ କରିବାର ଦାୟିତ୍ୱ ସହିତ ଜିଲ୍ଲା ବୋର୍ଡ ଉପରେ ବୋଝ ନପକାଇ 10,000/-ଟଙ୍କାରୁ ଅଧିକ ରାଶି ପ୍ରଦାନ କରିବ । ଯେତେବେଳେ କମ୍ପାନୀ ଦ୍ୱାରା ଏପରି ପ୍ରତିଶ୍ରୁତି ଦିଆଯାଏ, ସେତେବେଳେ କମ୍ପାନୀର ଦାବିକୁ ଗ୍ରହଣ କରିବା ଏବଂ ଉପ-କର କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନରେ ଥିବା ବର୍ଷଗୁଡ଼ିକ ପାଇଁ ଉପ-କର ଦେୟର ପୁନଃଗଣନା କରିବାକୁ ନିର୍ଦ୍ଦେଶ ଦେବା ଉଚିତ୍, ନ୍ୟାୟଯୁକ୍ତ ଏବଂ ସଠିକ୍ ଅଟେ, ଏବଂ ପୂର୍ବରୁ କରାଯାଇଥିବା ଦାବିକୁ ବେଆଇନ ବୋଲି ଧରାଯିବ ।

ମକଦ୍ଦମାରୁ ଉତ୍ପନ୍ନ ଦେୱାନୀ ଆବେଦନ ସଂଖ୍ୟା 3249/1983 କୁ ଖାରଜ କରିବା ଏବଂ ଦେୱାନୀ ଆବେଦନ ସଂଖ୍ୟା 3250/1983 ର ଫଏସଲା ସମୟରେ, ହୋଇଥିବା ଉପୋରୋକ୍ତ ଅଲୋଚନାକୁ ଦୃଷ୍ଟିରେ ରଖି, ଆମେ ଆଜ୍ଞାଦେଶ ଆବେଦନ ସଂଖ୍ୟା 1266/1980 କୁ ଅନୁମତି ଦେଉଛୁ ଏବଂ ନିମ୍ନଲିଖିତ ନିର୍ଦ୍ଦେଶ ଦେଉଛୁ:-

> ଆଜ୍ଞାଦେଶ ଆବେଦନ ସଂଖ୍ୟା 1372/1974 ରେ ପ୍ରଦାନ କରାଯାଇଥିବା ନିର୍ଣ୍ଣୟକୁ ଦୃଷ୍ଟିରେ ରଖି, 1953-1954 ରୁ 1966-1967 ବର୍ଷ ପାଇଁ କରାଯାଇଥିବା ପୁନଃଗଣନା ଅନୁଯାୟୀ ଉପ-କର ଦେବାକୁ ଆବେଦନକାରୀ କମ୍ପାନୀ ଦାୟୀ । ଯଦି ଏହି ବର୍ଷଗୁଡିକ ପାଇଁ କମ୍ପାନୀ ଦ୍ୱାରା ପ୍ରଦାନ କରାଯାଇଥିବା ପରିମାଣ, ଏହିପରି ଆକଳନ କରାଯାଇଥିବା ପରିମାଣରୁ ଅଧିକ ହୋଇଥାଏ, ଜିଲ୍ଲା ବୋର୍ଡ କୌଣସି ଅତିରିକ୍ତ ଫେରସ୍ତ କରିବାକୁ ଉତ୍ତରଦାୟୀ ହେବ ନାହିଁ । ଯଦି ପୁନଃଗଣନା, ପୂର୍ବରୁ ପ୍ରଦାନ କରାଯାଇଥିବା ଉପ-କର ପରିମାଣଠାରୁ ଅଧିକ ହୋଇଥାଏ, ତେବେ ଏପରି ଅତିରିକ୍ତ ପଇଠ କରିବାର ଦାୟିତ୍ୱ ଆବେଦନକାରୀ କମ୍ପାନୀ ଉପରେ ରହିବ ।"

ଏହି ପରିସ୍ଥିତିରେ, ପକ୍ଷମାନଙ୍କୁ ନିଜ ନିଜ ଖର୍ଚ୍ଚ ବହନ କରିବାକୁ ନିର୍ଦ୍ଦେଶ ଦିଆଗଲା ।

ଜି. ଏନ୍. ଆବେଦନଗୁଡ଼ିକର ଫଏସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।